١٨ ମାର୍ଚ୍ଚ ୨୦୨୨ ଖୁତବା ଜୁମାର ସାରାଂଶ
ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ହଜରତ ମୁହମ୍ମଦ ସ.ଅ.ଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ ର.ଅ.ଙ୍କ ଉଚ୍ଚତମ ସ୍ତର ଓ ସୁନ୍ଦର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର ଅ.ବ କହିଲେ; ହଜରତ ଅବୁବକର୍ ସିଦ୍ଦିକ୍ ର.ଅ.ଙ୍କ ଜୀବନୀ ଚର୍ଚ୍ଚାରେ ଜକାତ୍ ଦେବାକୁ ଅସ୍ୱୀକାର କରିଥିବା ଲୋକମାନଙ୍କ ପ୍ରସଙ୍ଗରେ ତବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ଅବତାରତ୍ୱର ମିଥ୍ୟା ଦାବି କରିଥିବା ତଲିହା ବିନ୍ ଖୌଏଲଦ୍‌ଙ୍କ ହସ୍ତରେ ଅସଦ୍, ଗତ୍‌ଫାନ୍ ଓ ତୈ କବିଲା ଏକତ୍ରିତ ହୋଇଯାଇଥିଲେ । ଅପର ପାର୍ଶ୍ୱରେ ଖଜାଃ, ସାଲବାଃ ବିନ୍ ସାଦ୍, ମର୍‌ରାଃ, ଅବସ୍, ବନୁ କନାନ୍, ଜୁଲ୍ କିସାଃ, ଲୈସ୍, ଦୈଲ୍ ଓ ମୁଦଲଜ୍ ଆଦି କବିଲାର ପ୍ରତିନିଧି ଦଳ (ଏଥି ସଂକ୍ରାନ୍ତରେ ଆଲୋଚନା କରିବା ସକାଶେ) ମଦିନା ଆସିଥିଲେ । ହଜରତ ଅବ୍‌ବାସ୍ ର.ଅ.ଙ୍କ ବ୍ୟତୀତ ଅନ୍ୟ ସମସ୍ତ ବିଦ୍ରୋହିମାନେ ମଦିନାରେ ଅଟକି ରହିଲେ । ସେଥିଅନ୍ତେ ସେମାନଙ୍କର ଏକ (ନିର୍ବାଚିତ) ଦଳ ହଜରତ ଅବୁବକର୍ ର.ଅ.ଙ୍କ ସେବାରେ ଉପସ୍ଥିତ ହୋଇ କହିଲେ; ଆମେମାନେ ନମାଜ ତ ପାଠ କରିବୁ କିନ୍ତୁ ଜକାତ୍ ଦେବା ନାହିଁ । ଏଥିରେ ହଜରତ ଅବୁବକର୍ ର.ଅ ତାଙ୍କୁ ଉତ୍ତର ଦେଲେ, ଯଦି ତୁମେମାନେ ଏହି ଓଟକୁ ବନ୍ଧା ଯିବା (ସାମାନ୍ୟତମ) ଦଉଡ଼ିଟିଏ ମଧ୍ୟ ଦେବାରେ ଟଳମଟଳ ହୁଅ ତେବେ ସୁଦ୍ଧା ମୁଁ ତୁମମାନଙ୍କ ସହିତ ଜିହାଦ୍ କରିବି । ଉକ୍ତ ଦଳଟି ଯେତେବେଳେ ଆପଣଙ୍କର ଏପରି ପ୍ରତିକ୍ରିୟା ଦେଖିଲେ ସେତେବେଳେ ସେମାନେ ମଦିନାରୁ ଫେରିଗଲେ ।

ଜଣେ ଜୀବନୀ ଲେଖାଳି ଲେଖିଛନ୍ତି, ମଦିନାରୁ ଫେରିବା ସମୟରେ ଉକ୍ତ ଦଳର ମନମସ୍ତିକରେ ଦୁଇଟି କଥା ଚଳଚଂଚଳ ରହିଥିଲା । **ପ୍ରଥମତଃ** ଜକାତ୍ ଦେବାକୁ ଅସ୍ୱୀକାର କରିବା ପ୍ରସଙ୍ଗରେ ଖଲିଫାଙ୍କ ରାୟ ଓ ଉଦ୍ଦେଶ୍ୟରୁ ପଛଘୁଂଚା ଦେବାର କୌଣସି ଆଶା ନାହିଁ । **ଦ୍ୱିତୀୟତଃ** ସେମାନେ ଚିନ୍ତା କରୁଥିଲେ ଯେ, ମୁସଲମାନମାନଙ୍କ ଦୁର୍ବଳତା ଓ ସଂଖ୍ୟାଲଘୁତାକୁ ଦୃଷ୍ଟିରେ ରଖି ମଦିନା ଉପରେ ଏଭଳି ଭୀଷଣ ଆକ୍ରମଣ କରିଦେବା ଯଦ୍ୱାରା ଇସଲାମୀ ପ୍ରଶାସନ ଭୁଷୁଡ଼ି ପଡ଼ିବ । ଏଥିରୁ ହଜରତ ଅବୁବକର୍ ର.ଅ ମଧ୍ୟ ଅଜ୍ଞ ନଥିଲେ । ବସ୍ତୁତଃ ସେ ମଦିନାର ସମସ୍ତ ଛକଗୁଡ଼ିକରେ ପ୍ରହରୀ ମୁତୟନ କରିଦେଲେ । ଅତଏବ ମାତ୍ର ତିନି ରାତ୍ରି ଅତିବାହିତ ହୋଇଥିଲା ଯେ ଜକାତ୍ ଦେବାର ଅସ୍ୱୀକାରୀମାନେ ରାତ୍ର ସମୟରେ ମଦିନା ଉପରେ ଆକ୍ରମଣ କରିଦେଲେ । କିନ୍ତୁ ମୁସଲମାନମାନେ ଶତ୍ରୁକୁ ପରାସ୍ତ କରିବାରେ ସଫଳ ହେଲେ । ମଦିନା ଠାରୁ ୪୦ମିଲ୍ ଦୂରତାରେ ଅବସ୍ଥିତ ଜୁଲ୍ କିସାଃ ସ୍ଥାନରେ ଆକ୍ରମଣକାରୀଙ୍କ ସହଯୋଗୀମାନେ ସେମାନଙ୍କ ସହାୟତା ନିମନ୍ତେ ଚାଲି ଆସିଲେ । ସେତେବେଳେ ହଜରତ ଅବୁବକର୍ ର.ଅ ନିଜ ସୈନ୍ୟ ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲେ । ରାତ୍ରର ପଛ ପହରରେ ପୁନଃ ଘମାଷାନ ଯୁଦ୍ଧ ଆରମ୍ଭ ହୋଇଗଲା ଏବଂ ପ୍ରଭାତ ହେବା ପୂର୍ବରୁ ଅମାନ୍ୟକାରୀମାନେ ପରାଜିତ ହୋଇ ପଳାୟନ କରିଥିଲେ । ଏହା ପ୍ରଥମ ବିଜୟ ଥିଲା ଯାହାକି ଅଲ୍ଲାଃତାଲା (ଖିଲାଫତ୍ କାଳରେ) ମୁସଲମାନମାନଙ୍କୁ ପ୍ରଦାନ କରିଥିଲେ । ଜଣେ ଇତିହାସବିତ୍

ଏହି ଯୁଦ୍ଧର ସାମଞ୍ଜସ୍ୟତା ବଦର ଯୁଦ୍ଧ ସହିତ ଦର୍ଶାଇଛନ୍ତି, ସେହି ଅବସରରେ ହଜରତ ଅବୁବକର୍ ର.ଅ ଯେଉଁ ବିଶ୍ୱାସ, ନିଷ୍ଠା ଓ ଦାୟିତ୍ୱକତାର ପ୍ରଦର୍ଶନ କରିଥିଲେ, ଯାହା ଫଳରେ ମୁସଲମାନମାନଙ୍କ ହୃଦୟରେ ହଜରତ ମୁହମ୍ମଦ ସ.ଅଙ୍କ ସାଥିରେ ସାମିଲ ହୋଇଥିବା ଯୁଦ୍ଧର ସମୟ ମନେ ପଡ଼ିଗଲା । ଯେପରି ବଦର ଯୁଦ୍ଧ ସୁଦୀର୍ଘ ପରିଣାମ ବହନ କରିଥିଲା ସେହିପରି ଏହି ଯୁଦ୍ଧରେ ବିଜୟ ମଧ୍ୟ ମୁସଲମାନମାନଙ୍କ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଇଥିଲା ।

ବନୁ ଜବିୟାନ୍, ବନୁ ଅସଦ୍ ଓ ଅନ୍ୟାନ୍ୟ ଗୋଷ୍ଠୀ ସମୂହ ଏହି ପରାଜୟ ଫଳରେ କ୍ରୋଧରେ ଜର୍ଜରିତ ହୋଇ ନିଜ ଅଂଚଳରେ ବସବାସ କରୁଥିବା ମୁସଲମାନମାନଙ୍କ ଉପରେ ଅତର୍କିତ ଭାବରେ ଆକ୍ରମଣ କରି ସେମାନଙ୍କୁ ଶହିଦ୍ କରିଦେଲେ । ଯେତେବେଳେ ହଜରତ ଅବୁବକର୍ ର.ଅଙ୍କୁ ଏହାର ସୂଚନା ମିଳିଲା ସେତେବେଳେ ଆପଣ ଶପଥ କଲେ ଯେକୌଣସି ମୁସଲମାନଙ୍କୁ ହତ୍ୟା କରିଥିବା ଅତ୍ୟାଚାରୀ ଠାରୁ ପ୍ରତିଶୋଧ ପୂର୍ବକ ତାହାଙ୍କୁ ହତ୍ୟା କରାଯିବ । ହଜରତ ଅବୁବକର୍ ର.ଅଙ୍କ ନେତୃତ୍ୱରେ ଜକାତ୍ ଦେବାର ଅସ୍ୱୀକାରକାରୀଙ୍କ ଆକ୍ରମଣର ପ୍ରତିଶୋଧ ନେବା ମାତ୍ରେ ଅନ୍ୟାନ୍ୟ ଗୋଷ୍ଠୀ ସମୂହ ନିଜ ନିଜର ଜକାତ୍ (ଅର୍ଥ) ଧରି ମଦିନା ଆସିବା ଆରମ୍ଭ କରିଦେଲେ । ତବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ସେତେବେଳେ ମଦିନାରେ ଏଭଳି ମାତ୍ରାରେ ସଦ୍‌କାର ରାଶି ଠୁଳ ହୋଇଗଲା ଯେ ମୁସଲମାନମାନଙ୍କ (ସମସ୍ତ) ଆବଶ୍ୟକତା ପୂରଣ ହେବା ପରେ ମଧ୍ୟ ଅର୍ଥ ବଳି ପଡ଼ିଲା ।

ଆଉ ଜଣେ ଇତିହାସବିତ୍ ପରାଜିତ ଦଳ ସମ୍ପର୍କରେ ଉଲ୍ଲେଖ କରିଛନ୍ତି; ବନୁ ଜବିୟାନ୍, ବନୁ ଅସଦ୍, ଗତଫାନ୍, ବନୁ ବକର୍ ମଦିନାର ନିକଟବର୍ତ୍ତୀ ଅନ୍ୟ ବିଦ୍ରୋହି କବିଲା ପାଇଁ ଉପଯୁକ୍ତ ଥିଲା ଯେ ସେମାନେ ନିଜ ହଟଧର୍ମ ଓ ବିଦ୍ରୋହ ପ୍ରଦର୍ଶନ ଚାଡ଼ି ହଜରତ ଅବୁବକର୍ ର.ଅଙ୍କର ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ଏବଂ ଇସଲାମୀୟ ନୀତିଶିକ୍ଷାର ପାଳନ କରିବାର ସାକ୍ଷ୍ୟ ଦେବା ପରିବର୍ତ୍ତେ ମୁସଲମାନମାନଙ୍କ ସହିତ ଶତ୍ରୁତା ସେମାନଙ୍କ ଚକ୍ଷୁକୁ ଅନ୍ଧ କରିଦେଇଥିଲା । ସେମାନେ ନିଜ ଭିଟାମାଟିକୁ ବିଦାୟ ଦେଇ ବନୁ ଅସଦ୍ ଅବତାରତ୍ୱର ମିଥ୍ୟା ଦାବି କରିଥିବା ତଲିହା ବିନ୍ ଖୌଏଲଦ୍‌ଙ୍କ ସହିତ ମିଳିତ ହୋଇଗଲେ । ସେମାନଙ୍କ ପହଂଚି ଯିବା ଫଳରେ ତଲିହା ଓ ମୁସେଲମାଃଙ୍କ ଗୋଷ୍ଠୀର ଶକ୍ତି ସାମର୍ଥ୍ୟରେ ବେଶ୍ ଅଭିବୃଦ୍ଧି ଘଟିଲା ଏବଂ ୟମନ୍ ଦେଶରେ ତ ଏହି ବିଦ୍ରୋହର ଅଗ୍ନି ତୀବ୍ର ରୂପ ଧାରଣ କରିଥିଲା । ଏକଥା ସର୍ବଦା ମନେରଖିବା ଉଚିତ୍ ଯେ ସେମାନେ ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ କରିଥିଲେ ଏବଂ ଯୁଦ୍ଧର ସୂତ୍ରପାତ ମଧ୍ୟ ସେହିମାନଙ୍କ ଠାରୁ ହୋଇଥିଲା । ସୁତରାଂ କେବଳ ତାହାର ପ୍ରତିଶୋଧ ହିଁ ସେହିମାନଙ୍କ ଠାରୁ ନିଆଯାଇଥିଲା ।

ଜକାତ୍ ଦେବାର ଅସ୍ୱୀକାରକାରୀମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବା ଓ ହଜରତ ଅବୁବକର୍ ର.ଅଙ୍କ ବୀରତ୍ୱ ଓ ଦାୟିତ୍ୱକତାର ଚର୍ଚ୍ଚା କରି ଅବ୍‌ଦୁଲ୍ଲାଃ ବିନ୍ ମସଉଦ୍ ବର୍ଣ୍ଣନା କରନ୍ତି; **ହଜରତ ମୁହମ୍ମଦ ସ.ଅଙ୍କ ଦେହାବସାନ ପରେ ଆମେମାନେ ସେହି ସ୍ଥଳେ ଛିଡ଼ା ହୋଇଥିଲୁ ଯେ ଯଦି ପରମେଶ୍ୱର ହଜରତ ଅବୁବକର୍ ର.ଅଙ୍କ ମାଧ୍ୟମରେ ଆମମାନଙ୍କର ସହଯୋଗ କରି ନଥାନ୍ତେ ତେବେ ଆମେ ସୁନିଶ୍ଚିତ ରୂପେ ଧ୍ୱଂସ ହୋଇ ଯାଇଥାନ୍ତୁ ।** ଆମମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଆମେ ଜକାତ୍‌ର ଓଟ (ହାସଲ କରିବା) ପାଇଁ ଅନ୍ୟମାନଙ୍କ ସହିତ ଯୁଦ୍ଧ କରିବୁ ନାହିଁ । ବରଂ ପ୍ରଭୁଙ୍କ ଉପାସନାରେ ନିମଜ୍ଜିତ ହୋଇଯିବୁ ଯେପର୍ଯ୍ୟନ୍ତ କି ଆମକୁ ସମ୍ପୂର୍ଣ୍ଣ ରୂପେ ବିଜୟ ଲାଭ ହୋଇ ନାହିଁ । କିନ୍ତୁ ହଜରତ ଅବୁବକର୍ ର.ଅ ସେହି ଅମାନ୍ୟକାରୀଙ୍କ ସହିତ ଯୁଦ୍ଧ କରିବାର ଦୃଢ଼ ସଂକଳ୍ପ କରିସାରିଥିଲେ ।

ହଜରତ ମୁସଲେହ ମଉଦ ର.ଅ ଧର୍ମନିଷ୍ଠତାର ସ୍ତର ପ୍ରସଙ୍ଗରେ ବର୍ଣ୍ଣନା କରି କୁହନ୍ତି; ଅହେମଦିମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ ଜକାତ୍ କେତେ ଜରୁରୀ ଏବଂ ତାହା ନିୟମିତ ରୂପେ ପୈଠ କରିବା ଅନିବାର୍ଯ୍ୟ । ଅଲ୍ଲାଃତାଲା ନମାଜ ପ୍ରତି ଧ୍ୟାନ ଆକର୍ଷିତ କରିବା ପରେ ଜକାତ୍ ପୈଠ କରିବାର ଆଦେଶ ଦେଇଛନ୍ତି । ଖିଲାଫତ୍‌ର ଆସନ ପ୍ରସଙ୍ଗରେ ଗୋଟିଏ ସ୍ଥାନରେ ଆପଣ ର.ଅ କୁହନ୍ତି; ଯେତେବେଳେ ହଜରତ ଅବୁବକର୍ ର.ଅଙ୍କୁ ଜକାତ୍ ଦେବାକୁ

ଅସ୍ୱୀକାର କରାଗଲା ଯେ ଏହି ଆଦେଶ କେବଳ ହଜରତ ମୁହମ୍ମଦ ସ.ଅଙ୍କ ପାଇଁ ବିଧେୟ ଥିଲା । ବର୍ତ୍ତମାନ ସେ ତ ଆଉ ନାହାନ୍ତି ତେଣୁ ଜକାତ୍ ଦେବାର ଆବଶ୍ୟକତା ନାହିଁ । ହଜରତ ଅବୁବକର୍ ର.ଅ ଏହାର ଉତ୍ତର ଦେଲେ, **ହଜରତ ମୁହମ୍ମଦ ସ.ଅଙ୍କର ନିଧନ ହୋଇଗଲା ସତ କିନ୍ତୁ ଧର୍ମ ବିଧାନ ଏବେ ମଧ୍ୟ ନିଜ ସ୍ଥାନରେ ପ୍ରତିଷ୍ଠିତ ରହିଛି ଏବଂ ମୁଁ ତାଙ୍କ ପ୍ରତିନିଧି ହୋଇ କହୁଛି ଯେ ଏହି ନିୟମ ଚିରକାଳ ଖିଲାଫତ୍ ସହିତ ରହିଥିବ ।**

ହଜରତ ମୁସଲେହ ମଉଦ ର.ଅ ଏକ ଅବସରରେ କହିଲେ; ଇତିହାସ ପୁସ୍ତକରେ ଉଲ୍ଲେଖ ରହିଛି ଯେ ହଜୁର ସ.ଅଙ୍କର ନିଧନ ପରେ କେବଳ ତିନୋଟି ଏଭଳି ସ୍ଥାନ ରହିଯାଇଥିଲା ଯେଉଁସ୍ଥଳେ ସାମୂହିକ ନମାଜ ପାଠ ହେଉଥିଲା । ଦରଶ ଅଂଚଳର ଅଧିକାଂଶ ଲୋକେ ଜକାତ୍ ଦେବାକୁ ମନା କରି ଦେଇଥିଲେ । ସେମାନଙ୍କର କହିବା ଥିଲା ଯେ ହଜୁର ସ.ଅଙ୍କ ଅନ୍ତେ କୌଣସି ବ୍ୟକ୍ତି ଜକାତ୍ ଆଦାୟ କରିବାର ଅଧିକାର ରଖୁ ନାହିଁ । ଏହି ମତଭେଦ ଯୋଗୁଁ ଆରବର ସହସ୍ର ମୁସଲମାନ ବିପଥଗାମୀ ହୋଇଯାଇଥିଲେ । ଇତି ଅବସରରେ ହଜରତ ଅବୁବକର୍ ର.ଅଙ୍କୁ ସୂଚନା ପ୍ରାପ୍ତ ହେଲା ଯେ ମୁସେଲମାଃ ଏକଲକ୍ଷର ସୈନ୍ୟ ସାମନ୍ତ ନେଇ (ମଦିନା ଉପରେ) ଆକ୍ରମଣ କରିବାକୁ ଆସୁଛି । ସେତେବେଳେ କେତେକ ସାହାବା ହଜରତ ଅବୁବକର୍ ର.ଅଙ୍କୁ ଏହି ପରାମର୍ଶ ଦେଲେ ଯେ, ଏପରି ସଙ୍କଟାପର୍ଣ୍ଣ ପରିସ୍ଥିତିରେ ଆପଣ ମୁସଲମାନମାନଙ୍କ ଠାରୁ ଜକାତ୍ ଆଦାୟ କରିବାର ଆଦେଶକୁ ସ୍ଥଗିତ କରିଦିଅନ୍ତୁ ଏବଂ ବିଦ୍ରୋହିମାନଙ୍କ ସହିତ ସନ୍ଧି କରିନିଅନ୍ତୁ । କିନ୍ତୁ ହଜରତ ଅବୁବକର୍ ର.ଅ ଉତ୍ତର ଦେଲେ, **ଯେପର୍ଯ୍ୟନ୍ତ ମୁଁ ସେମାନଙ୍କୁ ଜକାତ୍ ଦେବା ପ୍ରତି ରାଜି ନକରି ଦେଇଛି ସେପର୍ଯ୍ୟନ୍ତ ସେମାନଙ୍କ ସହିତ ସନ୍ଧି କରିବି ନାହିଁ ।** ହଜରତ ମୁସଲେହ ମଉଦ ର.ଅ କୁହନ୍ତି; ପ୍ରକୃତ ବିଶ୍ୱାସର ଏହା ହିଁ ଚିହ୍ନ ଏବଂ ଏହି ବିଶ୍ୱାସ ଯଦି ଆମମାନଙ୍କ ନିକଟରେ ବଜାୟ ରୁହେ ତେବେ ଆମେ ସମଗ୍ର ବିଶ୍ୱରେ ବାସ୍ତବିକ ଇସଲାମର ବାର୍ତ୍ତା ପହଂଚାଇବାରେ ସଫଳ ହୋଇପାରିବା । ଇନ୍‌ଶା ଅଲ୍ଲାଃ । ଆପଣ ଆହୁରି କୁହନ୍ତି; ନିରାଟ ସତ୍ୟ ଏହି କି ଯେ ଯେପରି ହଜୁର ସ.ଅଙ୍କ ଅନ୍ତେ ନମାଜ ରୋଜା ଆଦି ଆଦେଶାବଳୀ ଶେଷ ହୋଇଯା ନଥିଲା ସେହିପରି ଜାତିଗତ ଓ ରାଷ୍ଟ୍ରିୟ ବ୍ୟବସ୍ଥା ସହିତ ସଂଶ୍ଲିଷ୍ଟ ଆଦେଶାବଳୀ ମଧ୍ୟ ହଜୁର ସ.ଅଙ୍କ ସ୍ୱର୍ଗାବାସ ହେବାରେ (ସେଥିରେ) ପୂର୍ଣ୍ଣଚ୍ଛେଦ ପଡ଼ି ନାହିଁ ଏବଂ ସାମୂହିକ ନମାଜ ପାଠ କରିବା ପରି ଏସବୁ ନିର୍ଦ୍ଦେଶାବଳୀ ମଧ୍ୟ ନିଶ୍ଚିତ ରୂପେ ହଜୁର ସ.ଅଙ୍କ ଉତ୍ତରାଧିକାରୀମାନଙ୍କ ମାଧ୍ୟମରେ ପ୍ରଚଳିତ ରହିଥିବ ।

ହଜରତ ମୁସଲେହ ମଉଦ ର.ଅ ଆଉ ଏକ ଅବସରରେ କହିଲେ; ହଜରତ ଅବୁବକର୍ ର.ଅଙ୍କ ଖିଲାଫତ୍ କାଳରେ ହଠାତ୍ ସମଗ୍ର ଆରବର ମୁସଲମାନ ସମୂହ ପଥଭ୍ରଷ୍ଟ ହୋଇଗଲେ । ସେଥିରୁ କେବଳ ମକ୍କା, ମଦିନା ଓ ଏକ କ୍ଷୁଦ୍ର ଗ୍ରାମ ବର୍ତ୍ତି ରହିଯାଇଥିଲା । ବାକି ସଭିଏଁ କେବଳ ଜକାତ୍ ଦେବାକୁ ଅସ୍ୱୀକାର କଲେ ନାହିଁ ବରଂ ସେମାନେ ସୈନ୍ୟ ସାମନ୍ତ ନେଇ ଏମାନଙ୍କ ମୁକାବିଲାରେ ବାହାରି ଆସିଲେ । ଯେଉଁ ସୈନ୍ୟ ଦଳର ସଂଖ୍ୟା ଏକ ଲକ୍ଷ ଥିଲା । କିନ୍ତୁ ଅପର ପାର୍ଶ୍ୱରେ ମାତ୍ର ଦଶ ହଜାରର ସୈନ୍ୟଦଳ ରହିଥିଲା, ଯାହାଙ୍କୁ ହଜୁର ସ.ଅ ନିଜ ମୃତ୍ୟୁ ଶର୍ଯ୍ୟାରେ ହଜରତ ଉସାମା ର.ଅଙ୍କ ନେତୃତ୍ୱରେ ରୋମୀ ଅଂଚଳ ଅଭିମୁଖେ ପ୍ରେରଣ କରିବା ସକାଶେ ପ୍ରସ୍ତୁତ କରିଥିଲେ । ସେମାନଙ୍କ ବ୍ୟତୀତ ଯେ (ମଦିନାରେ) ରହିଯାଇଥିଲେ ସେମାନେ ଅତି ଦୁର୍ବଳ, ବୃଦ୍ଧ ଓ କିଛି ହାତଗଣତି ଯୁବକ ଶ୍ରେଣୀ ଥିଲେ । ଏହି ଉତ୍କଟ ପରିସ୍ଥିତି ଦେଖି ବଡ଼ ବଡ଼ ସାହାବାମାନେ ହଜରତ ଅବୁବକର୍ ର.ଅଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କଲେ ଯେ, ଏହି ଉପଦ୍ରବର ମୂଳୋତ୍ପାଟନ ହେବା ପର୍ଯ୍ୟନ୍ତ ଉକ୍ତ ସୈନ୍ୟଦଳକୁ (ମଦିନାରେ) ଅଟକାଇ ରଖନ୍ତୁ । କିନ୍ତୁ ଆପଣ ର.ଅ ଭୀଷଣ ରୂପେ କ୍ରୋଧିତ ହୋଇ କହିଲେ; କ'ଣ ତୁମେମାନେ ଏହା ଚାହୁଁଛ ଯେ ହଜରତ ମୁହମ୍ମଦ ସ.ଅଙ୍କର ଦେହାନ୍ତ ପରେ ଅବୁ କାହାଫାର ପୁତ୍ର ପ୍ରଥମ କାର୍ଯ୍ୟ ଏହା କରୁ କି ଯେଉଁ ସୈନ୍ୟଦଳକୁ ହଜୁର ସ.ଅ ପ୍ରେରଣ କରିବାର ଆଦେଶ ଦେଇଥିଲେ, ତାହାକୁ ମୁଁ ମଦିନାରେ ଅଟକ ରହିବାର ନିର୍ଦ୍ଦେଶ ଦେବି । ଜାଣିରଖ ଯେ ମୁଁ ଉକ୍ତ ସୈନ୍ୟଦଳକୁ ପ୍ରସ୍ଥାନ କରିବାର ନିଶ୍ଚିତ ଆଦେଶ ଦେବି । ଯଦି ତୁମେମାନେ ଶତ୍ରୁର ସୈନ୍ୟଦଳକୁ ନେଇ ଭୟଭୀତ ଅଛ ତେବେ ସ୍ୱଇଚ୍ଛାରେ ମୋ ସାଥି ଛାଡ଼ି ଚାଲି ଯାଅ । ମୁଁ ଏକାକି ସମସ୍ତ ଶତ୍ରୁମାନଙ୍କ ମୁକାବିଲା କରିବି । ହଜରତ ମୁସଲେହ

ମଉଦ[ର.ଅ] କୁହନ୍ତି; ଏହା ୟାବୁଦୁନନୀ ଲାୟୁଶ୍‌ରିକୁନା ବିଶୈୟାର ଏକ **ଶ୍ରେଷ୍ଠ ପ୍ରମାଣ ।** ଅର୍ଥାତ ସେମାନେ ଆମ୍ଭର ଉପାସନା କରିବେ ଏବଂ ଆମ୍ଭ ସହିତ କାହାରିକୁ ସମତୁଲ୍ୟ କରିବେ ନାହିଁ । ଯେ କି ଖିଲାଫତ୍‌ର ଅନୁଗାମୀ ଅଟନ୍ତି । **ଏହା ସେହି ଅବସ୍ଥା ଯାହାକି ଖିଲାଫତ୍‌ର ବ୍ୟବସ୍ଥା ସହିତ ଜାରି ରହିଛି ଏବଂ ରହିଥିବ ।**

ହଜରତ ମୁସଲେହ ମଉଦ[ର.ଅ] ହଜରତ ଅବୁବକର୍ [ର.ଅ]ଙ୍କର ଏହି ପଦକ୍ଷେପ ଗ୍ରହଣ କରିବାର ଯେଉଁ ଜାଜ୍ଜୁଲ୍ୟମାନ ପରିଣାମ ପ୍ରକାଶ ପାଇଥିଲା ସେଥି ସଂକ୍ରାନ୍ତରେ ଲେଖିଛନ୍ତି, ହଜରତ ଅବୁବକର୍[ର.ଅ] ବିଶିଷ୍ଟ ସାହାବାମାନଙ୍କ ମନ୍ତବ୍ୟ ବିପରୀତ ପଦକ୍ଷେପ ଗ୍ରହଣ କରି ହଜରତ ଉସାମା ବିନ୍ ଜୈଦ୍ [ର.ଅ]ଙ୍କ ନେତୃତ୍ୱରେ ଉକ୍ତ ସୈନ୍ୟଦଳକୁ ପ୍ରେରଣ କରିଦେଲେ । ଯେଉଁ ଦଳଟି ୪୦ଦିନ ପରେ ବିଜୟ ମଣ୍ଡିତ ହୋଇ ଅତି ଭବ୍ୟତାର ସହିତ ମଦିନା ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ **ସର୍ବଶକ୍ତିମାନ ପରମେଶ୍ୱରଙ୍କ ସାହାଯ୍ୟ ଓ ଅନୁକମ୍ପାର ନିଦର୍ଶନ ସଭିଏଁ ସ୍ୱଚକ୍ଷୁରେ ଅବଲୋକନ କରିନେଇଥିଲେ ।** ସେଥିଅନ୍ତେ ହଜରତ ଅବୁବକର୍[ର.ଅ] (ଅବତାରତ୍ୱର) ମିଥ୍ୟାବାଦୀ ଦାବିଦାରମାନଙ୍କ ବିଭ୍ରାଟର ମୂଳୋତ୍ପାଟନ କରିଦେଲେ ଏବଂ ସେହି ସମାନ ପରିଣାମ ଆପଣଙ୍କ ଅସ୍ୱୀକାରୀମାନଙ୍କର ମଧ୍ୟ ହୋଇଥିଲା । ପୁନଶ୍ଚ ବିରୋଧ ପ୍ରଦର୍ଶନ କରୁଥିବା ସାହାବା ଯେ ଏକେଶ୍ୱରବାଦୀ ଓ ହଜରତ ମୁହମ୍ମଦ [ସ.ଅ]ଙ୍କର ଅନୁଗାମୀ ଥିଲେ, ସେମାନଙ୍କ ସହିତ ଆମେ କିପରି ଯୁଦ୍ଧ କରିବାର ଆପତ୍ତି ବାଢ଼ି ଦେଇଥିଲେ, ତାହାର ମଧ୍ୟ ହଜରତ ଅବୁବକର୍[ର.ଅ] ବେଶ୍ ସତ୍ ସାହସର ସହିତ ଉତ୍ତର ଦେଲେ, ଯେ ଯଦି ଆଜି ମୁଁ ଏମାନଙ୍କୁ ଜକାତ୍ ନଦେବା ପାଇଁ ଅନୁମତି ପ୍ରଦାନ କରିଦିଏ ତେବେ ଧିରେ ଧିରେ ସେମାନେ ନମାଜ ଓ ରୋଜା ସମ୍ପାଦନ କରିବା ମଧ୍ୟ ପାଶୋରି ବସିବେ ଏବଂ ଇସଲାମ କେବଳ ନାମକୁ ମାତ୍ର ରହିଯିବ । ବସ୍ତୁତଃ ଏପରି ସୂକ୍ଷ୍ମ ପରିସ୍ଥିତିରେ ହଜରତ ଅବୁବକର୍[ର.ଅ] ଜକାତ୍ ଦେବାକୁ ଅସ୍ୱୀକାର କରୁଥିବା ଲୋକମାନଙ୍କର ଏପରି ମୁକାବିଲା କରିଥିଲେ ଯେ ଶେଷରେ ପ୍ରଭୁ ଏହି କ୍ଷେତ୍ରରେ ମଧ୍ୟ ଆପଣ [ର.ଅ]ଙ୍କୁ ଜୟଯୁକ୍ତ କରିଥିଲେ । ଫଳତଃ ସମସ୍ତ ପଥଭ୍ରଷ୍ଟ ଲୋକମାନେ ସତ୍‌ପଥ ଆଡ଼କୁ ଫେରି ଆସିଥିଲେ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ବର୍ତ୍ତମାନ ଏହି ଚର୍ଚ୍ଚାଟି ଅବ୍ୟାହତ ରହିଛି । ଇନ୍‌ଶା ଅଲ୍ଲାଃ । ଆସନ୍ତାରେ ମଧ୍ୟ ଜାରି ରହିବ । ହଜୁର ଅନଓ୍ୱର[ଅ.ବ] କହିଲେ; ବିଶ୍ୱର ଯେପରି ପରିସ୍ଥିତି ରହିଛି ପୁନଶ୍ଚ ଆଜି ମଧ୍ୟ ମୁଁ ଦୁଆ କରିବା ପ୍ରତି ଆହ୍ୱାନ ଦେଉଛି, ସେଥିରେ ଶିଥିଳତା ଅବଲମ୍ବନ କରିବେ ନାହିଁ । ବିଶେଷ ରୂପେ ଏହି ଦୁଆ କରିବେ ଯେ ସଂସାରବାସୀ ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ । ସଂସାରକୁ ଏହି ଧ୍ୱଂସର ବିଭୀଷିକାରୁ ଉଦ୍ଧାର କରିବାର ଏହା ହିଁ ଏକମାତ୍ର ପନ୍ଥା । ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ ଏବଂ ଆମମାନଙ୍କ ଦୁଆ ସ୍ୱୀକାର କରନ୍ତୁ । ଆମିନ୍ ।

ଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ମୃତକ ଶ୍ରୀମାନ ମୌଲାନା ମୁବାରକ ନଜୀର ସାହେବ ପୂର୍ବତନ ପ୍ରଧାନଚାର୍ଯ୍ୟ ଜାମିଆ ଅହେମଦିୟା ଓ ମୁବଲିଗ୍ ଇନ୍‌ଚାର୍ଜ କାନେଡ଼ାଙ୍କ ଉତ୍ତମ ଚରିତ୍ର ଓ ତାଙ୍କ ଜମାତୀୟ ସେବାର ବିସ୍ତୁତ ବର୍ଣ୍ଣନ କରି ତାଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

18th March 2022